# ସାହିତ୍ୟ ଏକାଡେମୀର ସାହିତ୍ୟ ସମ୍ମାନ

ଟିଟିଲାଗଡ଼,୨୦।୧୧(ନି.ପ୍ର): କେନ୍ଦ୍ର ସାହିତ୍ୟ ଏକାଡେମି ଓ ଟିଟିଲାଗଡ଼ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଲଳିତ ନିବନ୍ଧ ସାହିତ୍ୟ ସମ୍ମାନ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଶା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସଂପାନରେ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ ମହାରାଜ କେନ୍ଦୁଝରସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କେନ୍ଦୁଝରର ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡ. ବଭ୍ରୁବାହନ ମହାପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ ଓ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଗୋବର୍ଦ୍ଧନ ସାହୁ। ଲଳିତ ନିବନ୍ଧ ଉପରେ ବିଷୟ ବିଶେଷଜ୍ଞମାନେ ଆଲୋଚନା



କରିଥିଲେ।'ସାହିତ୍ୟ ସଂସ୍କୃତି'ର ସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଡ. ଯୁଗଳ କିଶୋର ଷଡ଼ଙ୍ଗୀ ସଂପାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପଦେଷ୍ଟା ରାଜୀବ ଲୋଚନ ପାଢ଼ୀ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଡ. ଗୋବର୍ଦ୍ଧନ ସାହୁଙ୍କ ଇଂରାଜୀ ଉପନ୍ୟାସ 'ଷ୍ଟୋରି ଅନ୍ କନଫେସ୍ତ', ସେବକ ଚରଣ ଦାଶଙ୍କ କବିତା ସଙ୍କଳନ 'ଯଥା ସର୍ବସ୍ୱ' ଓ ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ ପ୍ରବନ୍ଧ ସଙ୍କଳନ 'ସାହିତ୍ୟ ବିମର୍ଶ' ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଜଗନ୍ନାଥ ପଣ୍ଡା, ବନମାଳି ଦାଶ, ରାଜମଣି ସାହୁ, କିଶୋର ମହାପାତ୍ର, ଅଖିଳ ପଣ୍ଡା, ଘନଶ୍ୟାମ ଅଗ୍ରୱାଲ, ଡା. ଘନଶ୍ୟାମ ଜୈନ, ଶ୍ୟାମାପ୍ରସାଦ ମହାପାତ୍ର, ହିମାଂଶୁ ଦାଶ, ଉମେଶ ଚନ୍ଦ୍ର ଦାଶ, ଯୁଧିଷ୍ଠିର ବାରିକ, ମଧୁବନ ଛତ୍ରିଆ ଓ ପ୍ରମୋଦ ପାଳ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ପାଦକ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।